# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 22 May - 2025
******************************

## ମୁଖ୍ୟ ସମ୍ବାଦ

- ଦେଶର ୮୬ଟି ଜିଲ୍ଲାର ୧୦୩ଟି ଅମୃତ ଷ୍ଟେସନ୍‌କୁ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

– କହିଲେ, ୧ ହଜାର ୩୦୦ ରେଳଷ୍ଟେସନ୍‌କୁ ଅମୃତ ଭାରତ ଷ୍ଟେସନ୍‌ରେ ପରିଣତ କରିବା ପାଇଁ ସରକାର ନେଉଛନ୍ତି ପଦକ୍ଷେପ

- ଦେଶ ଓ ରାଜ୍ୟର ଆର୍ଥିକସ୍ଥିତିକୁ ସମୃଦ୍ଧ କରିବାରେ ଶିଳ୍ପ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ; କହିଲେ ମୁଖ୍ୟମନ୍ତ୍ରୀ

- ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କର ଜମି ସରକାର କିଣିବା ନେଇ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

ଏବଂ

- 'ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ପ୍ରକୃତି ସହ ସମନ୍ୱୟ ବଜାୟ ରଖିବା' ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଜୈବବିବିଧତା ଦିବସ

***Desk***

# ପ୍ରଧାନମନ୍ତ୍ରୀ- ଅମୃତ ଭାରତ ଷ୍ଟେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ଦେଶର ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୮୬ଟି ଜିଲ୍ଲାରେ ୧୦୩ଟି ଅମୃତ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି । ଏଥିପାଇଁ ୧ହଜାର ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଯାତ୍ରୀମାନଙ୍କୁ ସୁଖଦ ଯାତ୍ରା ଅନୁଭୂତି ଦେବାଲାଗି ନୂତନଭାବେ ନିର୍ମିତ ଓ ବିକଶିତ ଅମୃତ ଷ୍ଟେସନ୍‌ଗୁଡ଼ିକରେ ସ୍ୱତନ୍ତ୍ର ସୁବିଧା ରହିଛି। ଦେଶରେ ଗତ ୧୧ ବର୍ଷ ମଧ୍ୟରେ ଭିତ୍ତିଭୂମି କ୍ଷେତ୍ରରେ  ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସଡ଼କ ଏବଂ ରେଳ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯାଇପାରିଛି। ଅମୃତ ଭାରତ, ନମୋ ଭାରତ ଏବଂ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ଦେଶର ପ୍ରଗତିର ପ୍ରତୀକ ପାଲଟିଛନ୍ତି। ବୁଲେଟ୍ ଟ୍ରେନ୍ ପ୍ରୋଜେକ୍ଟ ପ୍ରକଳ୍ପ ମଧ୍ୟ ପ୍ରସ୍ତୁତିପଥେ ରହିଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ଦେଶର ୧ ହଜାର ୩୦୦ଟି ଷ୍ଟେସନ୍‌କୁ ଅମୃତ ଭାରତ ଷ୍ଟେସନ୍‌ରେ ପରିଣତ କରିବା ଲାଗି ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି। ଭିତ୍ତିଭୂମି ବିକାଶ ଯୋଗୁଁ ଦେଶରେ ଆର୍ଥିକ କାରବାର, ପର୍ଯ୍ୟଟନ କ୍ଷେତ୍ର, ଶିଳ୍ପ ଭିତ୍ତିଭୂମି ଅଧିକ ତ୍ୱରାନ୍ୱିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O –**

*Desk*

## ମୁଖ୍ୟମନ୍ତ୍ରୀ– ପ୍ରକଳ୍ପ ଉଦ୍‌ଘାଟନ

ଶିଳ୍ପ କ୍ଷେତ୍ର’ ଦେଶ ଓ ରାଜ୍ୟର ଆର୍ଥିକ ସ୍ଥିତିକୁ ସମୃଦ୍ଧ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଯାଜପୁର ଜିଲ୍ଲାର କଳିଙ୍ଗ ନଗରଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ଏହି ପ୍ରକଳ୍ପ ଉଦ୍‌ଘାଟନ ଦ୍ୱାରା ୩୫ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶିଳ୍ପ କ୍ଷେତ୍ର’ ରୋଜଗାର ସୃଷ୍ଟି କରିବା ସହ ଗ୍ରାମ ଓ ସହର ମଧ୍ୟରେ ପାର୍ଥକ୍ୟ ଦୂର କରିଥାଏ ବୋଲି ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଅଧିକ ପୁଞ୍ଜିନିବେଶ ସହ ଶିଳ୍ପ ଭିତ୍ତିଭୂମି ବିକାଶକୁ ନେଇ ଶିଳ୍ପପତିମାନଙ୍କ ସହ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସାଂସଦ ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

*HS*

## କର୍ପସ ଫଣ୍ଡ

ରାଜ୍ୟ ସରକାର ଭବିଷ୍ୟତରେ ଅନୁସୂଚିତ ଜନଜାତି ଓ ଜାତିବର୍ଗର ଲୋକଙ୍କ ଜମି କିଣିବେ। ଏ ନେଇ ସରକାର କର୍ପସ ଫଣ୍ଡ ଗଠନ ନେଇ ଚିନ୍ତା କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିରେ ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଉପଜାତି ବିଭାଗର ପ୍ରମୁଖ ସଚିବ, ନିର୍ଦ୍ଦେଶକ, ବିଶେଷଜ୍ଞ ଏବଂ କିଛି ବରିଷ୍ଠ ଅଧିକାରୀ ସଦସ୍ୟ ରହିବେ। କର୍ପସ ଫଣ୍ଡ ଗଠନ ନେଇ କମିଟି ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ, ବିଭାଗୀୟ ଗୃହ କମିଟି, ବିଧାୟକ ଏବଂ ଅଂଶୀଦାରମାନଙ୍କ ସହ ଆଲୋଚନା କରିବେ। ସେମାନଙ୍କ ପରାମର୍ଶ ଆଧାରରେ କମିଟି ତା'ର ରିପୋର୍ଟ ପ୍ରସ୍ତୁତ କରିବ। ଏହି ରିପୋର୍ଟ ଆଧାରରେ ସରକାର ନିଷ୍ପତ୍ତି ଗ୍ରହଣ କରିବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। କନ୍ୟା ବିବାହ, ଚିକିତ୍ସା ତଥା ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ହିଁ ସରକାର କ୍ରୟ କରିବେ। ସେହି ଜମି ତିନିବର୍ଷ ପର୍ଯ୍ୟନ୍ତ ସରକାରଙ୍କ ପାଖରେ ସୁରକ୍ଷିତ ରହିବ। ଜମି ମାଲିକ ଚାହିଁଲେ ସରକାରଙ୍କ ଠାରୁ ପୁର୍ନବାର ସେହି ଜମି କ୍ରୟ କରିପାରିବେ ବୋଲି ରାଜସ୍ୱ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଫେରସ୍ତ ନ ହେବା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ଜମି ସେହି ବର୍ଗର ଲୋକଙ୍କ ମଧ୍ୟରେ ନିଲାମ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

***Desk***

# ଜୈବ ବିବିଧତା ଦିବସ

ପ୍ରାକୃତିକ ବିପଯର୍ଯ୍ୟୟ, ଦ୍ରୁତ ଶିଳ୍ପାୟନ, ସହରୀକରଣ, ଖଣିଖନନ, ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ହେଉଥିବା ଜଙ୍ଗଲର ବିନାଶ ଏବଂ

ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱରେ ଆଜି ଜୈବ ବିବିଧତା ଦିବସ ପାଳନ କରାଯାଉଛି । ଚଳିତବର୍ଷ ବିଶ୍ୱ ଜୈବ ବିବିଧତା ଦିବସର ବାର୍ତ୍ତା ରହିଛି 'ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ପ୍ରକୃତି ସହ ସମନ୍ୱୟ ବଜାୟ ରଖିବା' । ମିଳିତ ଜାତିସଂଘ ପକ୍ଷରୁ ୨୦୦୬ମସିହାରୁ ଆଜିର ଦିନକୁ ଆନ୍ତର୍ଜାତିୟ ଜୈବ ବିବିଧତା ଦିବସଭାବେ ପାଳନ କରାଯାଉଛି। ଜୀବଜଗତକୁ ଅକ୍ଷୂର୍ଣ୍ଣ ରଖିବା ଆବଶ୍ୟକ, ଏହାର ସଂରକ୍ଷଣ ଏବଂ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ । ଜୈବ ବିବିଧତା ବାୟୁମଣ୍ଡଳରେ ଅମ୍ଳଜାନ ସୃଷ୍ଟି କରିଥାଏ ଏବଂ ଉଦ୍ଭିଦ, ପ୍ରାଣୀ ଏବଂ ଅଣୁଜୀବୀଗୁଡିକର ଜୀବନ ରକ୍ଷା ପାଇଁ ଜୈବ ବିବିଧତାର ବିଶେଷ ଭୂମିକା ରହିଛି । ତାପମାନ ବୃଦ୍ଧି, ପରିବେଶ ପ୍ରଦୂଷଣ, ବାସପଯୋଗୀ ସ୍ଥାନର ଅଭାବ, ଗଛକଟା ଭଳି ଅନେକ ପ୍ରସଙ୍ଗ  ଜୈବ ବିବିଧତା ସୁରକ୍ଷାରେ ବାଧା ସୃଷ୍ଟି କରୁଛି । ବିଶ୍ୱର ସମଗ୍ର ସମୂହକୁ ହିସାବ କଲେ ପୃଥିବୀ ପୃଷ୍ଠକୁ ପ୍ରତ୍ୟେକ ବର୍ଷ ଅନେକ ପ୍ରାଣୀ ଓ ଉଦ୍ଭିଦ ବିଲୁପ୍ତ ହୋଇଯାଉଛନ୍ତି । ଆଧୁନିକ ସମାଜ ବିକାଶ ପାଇଁ ବର୍ତ୍ତମାନ ଯେଉଁ ସବୁ କାର୍ଯ୍ୟ ଚାଲିଛି ସେଗୁଡିକୁ ନିରୀକ୍ଷଣ କଲେ ଦେଖାଯାଉଛି ଯେ, ପରିବେଶ ଉନ୍ନତ ହେବା ବଦଳରେ ବିନାଶ ଆଡକୁ ଗତି କରୁଛି ।

ଏହି ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମୃଦ୍ଧ ଐତିହ୍ୟ ଏବଂ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଭିତରକନିକାର ହେନ୍ତାଳ ବଣରୁ ଆରମ୍ଭ କରି ଚିଲିକାର ଶାନ୍ତ ଜଳରାଶି ପର୍ଯ୍ୟନ୍ତ ରାଜ୍ୟର ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ସଂକଳ୍ପବଦ୍ଧ ହେବାକୁ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି।

***Desk***

## କରୋନା ଭୂତାଣୁ ଚିହ୍ନଟ

ରାଜ୍ୟରେ ଜଣେ ନୂତନ କୋଭିଡ୍ ରୋଗୀ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। କୋଭିଡ୍‌ର ଏହି ନୂତନ ଭୂତାଣୁ ଚିହ୍ନଟ ଏବଂ ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ' ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ତେବେ ସଂକ୍ରମଣ ନେଇ ବିଚଳିତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଏହି ନୂତନ ପ୍ରକାର ଭୂତାଣୁ ବ୍ୟାପିବାର ସମ୍ଭାବନା କମ୍ ରହିଛି। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି  ଏବଂ ତାଙ୍କୁ ସଂଗରୋଧରେ ରଖାଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। କରୋନା ଭୂତାଣୁ ସଂକ୍ରମଣ ନେଇ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ନୂତନ ମାର୍ଗଦର୍ଶିକା ଜାରି କରାଯାଇନାହିଁ। ଅନ୍ୟପକ୍ଷରେ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଭୁବନେଶ୍ୱର ମେୟର ସୁଲୋଚନା ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମହାନଗର ନିଗମ କରୋନା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗର ମାର୍ଗଦର୍ଶିକା ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ଏଥିରେ ବିଚଳିତ ନ ହେବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି।

***Rayagada***

## ତ୍ରିରଙ୍ଗା ଶୋଭାଯାତ୍ରା

ରାୟଗଡ଼ା ଜିଲ୍ଲାରେ ବିଜେପି ପକ୍ଷରୁ ଅପରେସନ୍ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁନିଖୋଲ ନିକଟ କନ୍ୟକ ପରମେଶ୍ୱର ମନ୍ଦିରରୁ ଶୋଭାଯାତ୍ରା ବାହାରି  ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବିଧାୟକ ଜଗନ୍ନାଥ ନୁଣ୍ଡରୁକା ଏବଂ ବହୁ ଜନସାଧାରଣ ସାମିଲ ହୋଇଥିଲେ।

***BHK***

## ବିକାଶ କମିଟି ବୈଠକ

ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ କମିଟି ସମୀକ୍ଷା ବୈଠକ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବୈଠକରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା, ପଞ୍ଚାୟତ ଗ୍ରାମ ସଡ଼କ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବନ୍ୟା ନିୟନ୍ତ୍ରଣ, ମିଶନ ଶକ୍ତି ଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି

ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହା ସହ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

***Balangir***

## ସମୀକ୍ଷା ବୈଠକ

ବଲାଙ୍ଗୀର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ଶ୍ରୀ ନାୟକ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବୈଠକ

ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ବେଆଇନ୍ ଇଟାଭାଟି ନେଇ କାର୍ଯ୍ୟାନୁଷ୍ଠାନ, ଜମି ଜବରଦଖଲ ଉଚ୍ଛେଦ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

***Gajapati***

## ଜଙ୍ଗଲ ଜମିପଟ୍ଟା ବଣ୍ଟନ

ଗଜପତି ଜିଲ୍ଲା ରା.ଉଦୟଗିରି ଅନ୍ତର୍ଗତ ଛେଲାଗଡ଼ ରାଜସ୍ୱ ମଣ୍ଡଳ କାର୍ଯ୍ୟାଳୟଠାରେ ଜଙ୍ଗଲ ଜମି ଅଧିକାର ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ

ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ପରେ ନୂଆଗାଁ ଓ ମାଣ୍ଡିମା ଗ୍ରାମର ଅଣାଅସୀ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଥିଲା।

***Gajapati***

## ଓଡ଼ିଶା ସ୍କିଲ ଅଲମ୍ପିଆଡ୍ ପରୀକ୍ଷା

ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଏକ ଘରୋଇ ବିଶ୍ୱବିଦ୍ୟାଳୟଠାରେ ଓଡ଼ିଶା ସ୍କିଲ ଅଲମ୍ପିଆଡ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି ପକ୍ଷରୁ ଅନୁଷ୍ଠିତ ଏହି ପରୀକ୍ଷାରେ ଆନ୍ଧ୍ର ଓ ଓଡ଼ିଶାର ୩୯ଟି ଦଳର ୪୪୫ ଜଣ ଛାତ୍ର ପରୀକ୍ଷା ଦେଇଛନ୍ତି।

***Deogarh***

## ନଦୀରେ ବୁଡ଼ି ୩ ମୃତ

ଦେବଗଡ଼ ଜିଲ୍ଲା ବ୍ରାହ୍ମଣୀ ନଦୀ ରେଙ୍ଗାଲୀ ଜଳଭଣ୍ଡାରରେ ଡଙ୍ଗାବୁଡ଼ିରେ ପୋଡ଼ାଡିହୀ ଗ୍ରାମର ୩ ଜଣ ପ୍ରାଣ ହରାଇଛନ୍ତି। ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଁଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି। ଜିଲ୍ଲା ରେଡକ୍ରସ୍ ସୋସାଇଟି ପକ୍ଷରୁ ମୃତକଙ୍କୁ ସହାୟତ ଯୋଗାଇ ଦିଆଯିବା ସହ ଏସ୍.ଡି.ଆର୍.ଏଫ୍. ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ମଞ୍ଜୁର କରାଯାଇଛି।

ସୂଚନାଯୋଗ୍ୟ, ମାଛ ମାରିବାକୁ ଯିବା ସମୟରେ ଦୁର୍ଘଟଣା ଘଟିବାରୁ ଦୁଇ ନାବାଳକ ଶିଶୁଙ୍କ ସହ ମା'ଙ୍କ ମୃତ୍ୟୁ ଘଟିଛି ।

***Sambalpur***

## ହୀରାକୁଦ

ଆସନ୍ତା ଜୁନ ମାସ ୧ ତାରିଖରୁ ଯେ କୌଣସି ସମୟରେ ହୀରାକୁଦ ଜଳଭଣ୍ଡାରରେ ବନ୍ୟାଜଳ ଛଡ଼ାଯିବା ନେଇ ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ତଳମୁଣ୍ଡର ୧୫ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଏ ନେଇ ସୂଚନା ଦିଆଯାଇଛି । ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବନ୍ୟାଜଳ ନିୟନ୍ତ୍ରଣ କକ୍ଷର ଯୋଗାଯୋଗ ନମ୍ବର ଜାରି କରାଯାଇଛି । ଏହି ସମୟ ମଧ୍ୟରେ ନଦୀତଳିଆ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟି ଦେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।